## ସବ୍‌ରେଜିଷ୍ଟ୍ରାର କର୍ମଚାରୀଙ୍କ ପରଲୋକ

ଆନନ୍ଦପୁର,(ସନ୍ତୋଷ ରାଉତ): କେନ୍ଦୁଝର ଜିଲା ଆନନ୍ଦପୁର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ପ୍ରମୋଦ କୁମାର ସାହୁ(୪୫)ଙ୍କ ଦୁର୍ଘଟଣାରେ ପରଲୋକ ଘଟିଛି। ରବିବାର ବିଳମ୍ବିତ ରାତିରେ ମାମୁଁଘରୁ ବୁଲୁଥିଲୁ ଆନନ୍ଦପୁର ବାସଭବନକୁ ଫେରୁଥିଲେ। ୫୩ ନଂ. ରାଜ୍ୟ ରାଜପଥର ଶାଳବଣି ଛକଠାରେ ସ୍ପିଡ୍ ବ୍ରେକରରେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଲୁଣାବନ୍ଧ ଆଡ଼ିରୁ ମତ୍ସ୍ୟଜୀବୀଙ୍କ ମୃତଦେହ ଜବତ

**ହତ୍ୟା ମାମଲା ରୁଜୁ**

**ବାସୁଦେବପୁର, ୨୬।୬ (ନାରାୟଣ ପ୍ରସାଦ ବାରିକ):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ନିକଟସ୍ଥ ଲୁଣାବନ୍ଧଆଡ଼ିରୁ ଜଣେ ମତ୍ସ୍ୟଜୀବୀଙ୍କ ଗଳିତ ମୃତଦେହ ସୋମବାର ପୋଲିସ ଜବତ କରିଛି। ମୃତକ ହେଲେ ବାସୁଦେବପୁର ଚୁଡ଼ାମଣି ଆଡ଼ିଆ ଗ୍ରାମର ମାଧବାନନ୍ଦ ମଲିକ(୫୨)। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୬୩/୨୩) ରୁଜୁ କରାଯାଇଛି। ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି ଆଇଆଇସି ସୁଶାନ୍ତ କୁମାର ମିଶ୍ର କହିଛନ୍ତି।

### ବରିଷ୍ଠ ଖବରଦାତାଙ୍କ ପରଲୋକ

**ଭଦ୍ରକ, ୨୬।୬ (ସନାତନ ରାଉତ/ ରବିନାରାୟଣ ଖିଲାର):** ଭଦ୍ରକ ଜିଲାର ବରିଷ୍ଠ ଖବରଦାତା ଭଜଗୋବିନ୍ଦ ଜେନା



(୭୮)ଙ୍କ ସୋମବାର ଅପର୍ତିବିନ୍ଧାସ୍ଥିତ ବାସଭବନଠାରେ ପରଲୋକ ହୋଇଛି। ଗତ କିଛିଦିନ ହେଲା ସେ ପକ୍ଷାଘାତ ରୋଗରେ ପୀଡ଼ିତ ଥିବାରୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁ ଖବରପାଇ ଭଣଜା ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୌରାଧକ୍ଷା ଗୁଲମକ୍ସୀ ହବିବ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭାଜପା ନେତା ଡା. ପ୍ରଦୀପ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସହ ସେ ସମ୍ପାଦକ ଥିବା ମନମୋହନ ପରିଷଦର ରାମନାରାୟଣ ମହାନ୍ତି, ନିମାଇଁ ସାହୁ, ଲଲାଟେନ୍ଦୁ ମହାନ୍ତି, ସୁଧାକର ରାଉତ, ଶ୍ରୀକାନ୍ତ ବାରିକ, ସୁରଜିତା ନାୟକ, ସୁନିଲ ଡିଡ଼ୱାନିଆ, ଆଇନଜୀବୀ ଅତିସ ବେହେରା, ପ୍ରାକ୍ତନ କାଉନସିଲର ପ୍ରଣୟ ଦାସ, ଅତୁଲ୍ୟ ନାୟକ, ଖବରଦାତା ରବିନାରାୟଣ ଖିଲାର ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଭଜଗୋବିନ୍ଦ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ଉପଦେଷ୍ଟା ଥିଲେ। ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମ୍ପାଦକ ବେଣୁଧର ପଣ୍ଡା, କୋଷାଧକ୍ଷ ରାଜେନ ଚୌଧୁରୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଲଗାଣ ବର୍ଷାରେ ପାଟଣା ଅଞ୍ଚଳ ବେହାଲ

**ପାଟଣା, ୨୬।୬(ବୀରକିଶୋର ଦାଶ.):** କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ଶନିବାରଠାରୁ ଲଘୁଚାପ ଜନିତ ବର୍ଷା ଯୋଗୁ ବେହାଲ ହୋଇପଡ଼ିଛି। ୨୪ ଘଣ୍ଟା ମଧ୍ୟରେ ପାଟଣା ଅଞ୍ଚଳରେ ୩୩.୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ପାଟଣାସ୍ଥିତ କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟର ଦେବେନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି। ବର୍ଷା ଯୋଗୁ ଜନ ଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନ ତମାମ ବର୍ଷା ଲାଗି ରହିଥିବାରୁ ଲୋକେ ଘରୁ ବାହାରିପାରୁନାହାନ୍ତି।

# ବର୍ଷେ ଗଲାନି, ଧସିଲା ନଦୀବନ୍ଧ

- ପିଚୁ ଉଠିଗଲାଣି, ନିମ୍ନମାନର କାମ ଅଭିଯୋଗ
- ଭାରିଯାନ ଚଳାଚଳ ଯୋଗୁ ଦୁର୍ବଳ ହେଉଛି

**ଧାମନଗର, ୨୬।୬(ଦେବେନ୍ଦ୍ର ଆଦିଆ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ମୁସ୍ତଫାପୁର ପଞ୍ଚାୟତର ଗୋବିନ୍ଦାଗଡ଼ିଆଠାରୁ ଦୋବଲ ପଞ୍ଚାୟତର ରାମେଶ୍ୱରପୁର ପର୍ଯ୍ୟନ୍ତ ନିର୍ମିତ ଗେଙ୍ଗୁଟି ନଦୀବନ୍ଧ ଗତବର୍ଷ ମରାମତି ସହ ପ୍ରଶସ୍ତୀକରଣ ହୋଇଥିଲା। ହେଲେ ବର୍ଷା ଗଲାନି, ନଦୀବନ୍ଧ ପାର୍ଶ୍ୱରୁ ମାଟି ଧୋଇବା ଓ କିଛି ସ୍ଥାନରେ ଧସିବା ଆରମ୍ଭ କରିଛି। ଗତ ବର୍ଷାଋତୁ ପରେ ବନ୍ଧ ଅବସ୍ଥା ଖରାପ ହୋଇଛି। ଗୋବିନ୍ଦାଗଡ଼ିଆ, ବେଲମଳା, ରଘୁନାଥପୁର, ଦୋବଲ, ସୋଧ ଓ କୋଳେଇପଦା, ରାମେଶ୍ୱରପୁର ପାଖରେ ସ୍ଥାନେ ସ୍ଥାନେ ବନ୍ଧ ପାର୍ଶ୍ୱ ଧସିଗଲାଣି। ପ୍ରାୟ ୪ କିଲୋମିଟର ଏହି ବନ୍ଧର ବିଭିନ୍ନ ସ୍ଥାନରେ ରେନ୍‌କଟ ହେବା ସହ ପାର୍ଶ୍ୱ ଧାରଗୁଡ଼ିକ ଫାଟିଯାଇଛି। ଏପରିକି ବନ୍ଧ ଉପରେ ହୋଇଥିବା ପିଚୁ କେତକ ସ୍ଥାନରେ ଉଠିଯାଇଛି। ବେଲମଳା ଓ ରଘୁନାଥପୁର ପାଖରେ ନଦୀପଠାରେ ଇଟା ପଡୁଥିବାରୁ କୋଇଲା, ବାଲି ବୋଝେଇ ଭାରିଯାନ ଚଳାଚଳ ଯୋଗୁ ନଦୀବନ୍ଧ ଦୁର୍ବଳ ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।



ସୋଧଠାରେ ଗେଙ୍ଗୁଟି ନଦୀବନ୍ଧ ଧସିଛି।

ସୁଦୃଢ଼ୀକରଣ କାର୍ଯ୍ୟର ବର୍ଷଟିଏ ମଧ୍ୟରେ ଗେଙ୍ଗୁଟି ନଦୀବନ୍ଧ ନଷ୍ଟ ଆରମ୍ଭ ହେଲାଣି। ଫଳରେ ନଦୀବନ୍ଧ କାର୍ଯ୍ୟର ସ୍ୱଚ୍ଛତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ଷକ ତଳେ ଗୋବିନ୍ଦାଗଡ଼ିଆଠାରୁ ରାମେଶ୍ୱରପୁର ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଶେଷ ହୋଇଥିଲା। ବନ୍ଧର ଉଚ୍ଚତା ଓ ଚଉଡ଼ା ବୃଦ୍ଧି ହେବା ସହ ପିଚୁ କରାଯାଇଥିଲା। ହେଲେ ସାମାନ୍ୟ ବର୍ଷାରେ ବନ୍ଧ ଅବସ୍ଥା ଶୋଚନୀୟ ହୋଇଛି। ବର୍ଷାଜଳ ନିଷ୍କାସନ ହୋଇ ନଦୀବନ୍ଧ କଡ଼ରେ ରେନ୍‌କଟ ସୃଷ୍ଟି ହୋଇଛି। ଠାଏ ଠାଏ ପିଚୁ ଉଠିଯାଇଥିବା ବେଳେ ମଝି ରାସ୍ତାରେ ଗାଡ଼ ହେଲାଣି। ବେଲମଳା ଓ ରଘୁନାଥପୁର ନିକଟରେ ନଦୀବନ୍ଧ ଦୁର୍ବଳ ହୋଇଗଲାଣି। ସେହିପରି ସୋଧ, କୋଳେଇପଦା ପାଖରେ ବନ୍ଧରେ ପଡ଼ିଥିବା ପିଚୁ ଉଠିଯାଇଛି।

ବନ୍ୟା ସମୟରେ ବେଲମଳା ପାଖରୁ ରାମେଶ୍ୱରପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ଘାଇ ହୋଇଥାଏ। ୨୦୧୯-୨୦୨୦ରେ ପ୍ରାୟ ୯ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନଦୀବନ୍ଧ ମରାମତି ସହ ସୁଦୃଢ଼ୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କରୋନା ପାଇଁ କାର୍ଯ୍ୟ ପ୍ରଭାବିତ ହୋଇ ୨୦୨୨ରେ ଶେଷ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଆବଶ୍ୟକ ତଦାରଖ ଅଭାବରୁ ଠିକାଦାର ନିମ୍ନମାନର କାମ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧାମନଗର ଜଳସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ଧିରେନ କୁମାର ପାଣି କହିଛନ୍ତି, ନଦୀବନ୍ଧ ସମସ୍ୟା ନେଇ ବିଭାଗର ଏସ୍‌ଇଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମାଧାନ ହୋଇଯିବ।

## ୧୨୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ, ଏସ୍‌ପି



ଜିଲାପାଳ ବିନୀତ ଭରଦ୍ୱାଜ ଜଣଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରୁଛନ୍ତି।

**ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିର**

**ଉଦଳା, ୨୬।୬(ସନ୍ତୋଷ କୁମାର ବାଛିନୀ)**

କପ୍ତିପଦା ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଶିବିରରେ ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ବି.ଗଙ୍ଗାଧର ଯୋଗଦେଇ ସମୁଦାୟ ୧୨୭ ଅଭିଯୋଗର ଶୁଣାଣି କରିଥିଲେ। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଉପଖଣ୍ଡ ଚିକିତ୍ସାଅଧିକାରୀ ଡା. କମଳାକାନ୍ତ ନାୟକଙ୍କ ସମେତ ୪ ବ୍ଲକର ବିଡିଓ, ତହସିଲଦାର, ଉପଖଣ୍ଡ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଭିଯୋଗ ମଧ୍ୟରେ ୧୦୯ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ରହିଥିବା ବେଳେ ୧୮ଟି ସାମୁହିକ ସମସ୍ୟା ଭିତ୍ତିକ ଥିଲା। ୧୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାସଗୃହ ଜନିତ ସମସ୍ୟାଗୁଡ଼ିକ ସର୍ବାଧିକ ରହିଥିଲା। ସହକାରୀ ଜିଲାପାଳ ମନୋଜ କୁମାର ସାହୁ, କର୍ମଚାରୀ ରମେଶ ଚନ୍ଦ୍ର ପୃଷ୍ଟି, ସାଇସ୍ୱରୁପ କର, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣୀଙ୍କ ସମେତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଯୋଡ଼ା ସହରକୁ ଯୋଗାଯୋଗ ବିଚ୍ଛିନ୍ନ



ରାସ୍ତା ଉପରେ ଫ୍ଲାଏଓଭର କାମରେ ନିୟୋଜିତ ମେଶିନ।

**ଯୋଡା, ୨୬।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଖଣି ଅଞ୍ଚଳ ଯୋଡା ସହର ଓ ବଜାର ମଧ୍ୟରେ ଥିବା ସୁନାନଦୀ ପୋଲରେ ଡାଇଭର୍ସନ ନ ଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଯୋଡ଼ା ସହର ମଧ୍ୟରେ ନିର୍ମାଣଧୀନ ଫ୍ଲାଏ ଓଭର କାମ ଏବଂ ସୁନା ନଦୀର ନୂତନ ପୋଲ ନିର୍ମାଣ ହେତୁ ଏହି ସମସ୍ୟା ଉପୁଜିଛି। ପୁରାତନ ସୁନା ନଦୀ ପୋଲଟି କାର୍ଯ୍ୟକ୍ଷମ ଥିଲେ ହେଁ ଏହାକୁ ବଡ଼ ବଡ଼ ମେଶିନ ରଖାଯାଇ ଅବରୋଧ କରାଯାଇଛି। ଫଳରେ ବ୍ୟବସାୟୀମାନେ କ୍ଷତି ସହୁଛନ୍ତି। ବ୍ୟବସାୟୀ ମହମ୍ମଦ ଜସିମ, ଦିଲ୍ଲୀପ ରାଉତ, ଜୁନେଦ ରେହମାନ, ଏମ୍‌ଡି ସାଫିକ, ଶିବଶଙ୍କର ଦାସ, ମଦନ ମୋହନ ବାରିକ, ପ୍ରୀତିସ ରଥ, ସୁଶାନ୍ତ ବେବର୍ତ୍ତା କହିଛନ୍ତି, ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ ପୁରାତନ ପୋଲଟିକୁ କାର୍ଯ୍ୟକ୍ଷମ କଲେ କିଛିକାଂଶରେ

**ବ୍ୟବସାୟ ଠପ୍**

ବ୍ୟବସାୟ ହୋଇପାରନ୍ତା। ଲଗାଣ ବର୍ଷା ହେତୁ ଆଣ୍ଠୁଏ କାଦୁଅ ପଙ୍କ ହୋଇଥିବାରୁ ସାଧାରଣ ଗ୍ରାହକ ବଜାର ମଧ୍ୟକୁ ଆସି ପାରୁନାହାନ୍ତି। ଫଳରେ ବ୍ୟବସାୟ ଏକ ପ୍ରକାର ପ୍ରଭାବିତ ହୋଇଛି। ଅନ୍ୟପକ୍ଷରେ ସ୍ଲରୀ ପାଇପ ଲାଇନ ମଧ୍ୟ ଲୋକଙ୍କ ଯାତାୟାତକୁ ଆହୁରି ଦୁର୍ବିସହ କରିଛି। ରାସ୍ତାଟି ବନ୍ଦ ଥିଲେ ହେଁ ବନ୍ଦ ସୂଚନା ଫଳକ ନ ଥିବାରୁ ଚାରିଚକିଆ ଯାନବାହାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫ୍ଲାଏ ଓଭର ନିର୍ମାଣ କରୁଥିବା ଠିକା ସଂସ୍ଥା ଚେଭରୋକ୍ସର ମାନବ ସମ୍ବଳ ଅଧିକାରୀ ଭାଗିରଥି ପଣ୍ଡା କହିଛନ୍ତି, ସୋମବାର ରାତି ସୁଦ୍ଧା ସେଠାରେ କାର୍ଯ୍ୟ ଶେଷ ହେଲେ ଉକ୍ତ ପୋଲ ନିକଟରୁ ମେଶିନ ହଟାଇ ଦିଆଯିବ। ଲୋକଙ୍କ ଯାତାୟାତ ପାଇଁ ବ୍ୟବସ୍ଥା କରିଦିଆଯିବ ବୋଲି କହିଥିଲେ।

## ଗଞ୍ଜେଇ ଭର୍ତ୍ତି କାର୍ ଦୁର୍ଘଟଣାଗ୍ରସ୍ତ

**ଭୋଗରାଇ, ୨୬।୬(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ. ରାଜ୍ୟ ରାଜପଥ ସାତଶୁଳିଆ ଛକଠାରେ ସୋମବାର ଭୋର ସମୟରେ ଏକ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏହି କାର୍‌ରେ ୨୦ ପ୍ୟାକେଟ ଗଞ୍ଜେଇ ଭର୍ତ୍ତିଥିବା ସୂଚନା ମିଳିଛି। ଭାରସାମ୍ୟ ହରାଇ କାର୍‌ଟି ଦୁଇଟି କ୍ୟାବିନକୁ ଧକ୍କା ଦେଇ ରାସ୍ତାକୁ ଖସିଯାଇଥିବା ବେଳେ କାର୍‌ରେ ଥିବା ଡ୍ରାଇଭର ଓ ଅନ୍ୟ ସହଯୋଗୀ ଘଟଣାସ୍ଥଳରୁ କୌଶଳକ୍ରମେ ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି। ସ୍ଥାନୀୟ ଲୋକେ ଦୁଇ କ୍ୟାବିନ ମାଲିକଙ୍କୁ ଖବର ଦେବାପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କମର୍ଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଭାଙ୍ଗିରୁଜି ଯାଇଥିବା କାର୍‌କୁ ଥାନାକୁ ଟାଣି ଆଣିଛନ୍ତି। ଦୁଇଟି କ୍ୟାବିନ ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ମାଲିକ କମର୍ଦା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ୨୦ ପ୍ୟାକେଟ ଗଞ୍ଜେଇ ଜବତ କରି ପ୍ରାଥମିକ ତଦନ୍ତ ଜାରି ରଖିଛି। ଗାଡି ଯାଞ୍ଚ ବେଳେ ଭୁବନେଶ୍ୱର ଖଣ୍ଡଗିରି ଏକ ପେଟ୍ରୋଲ ପମ୍ପରୁ ୧୮୦୦ଟଙ୍କାର ଏକ ରସିଦ ପାଇଥିବା ପୋଲିସ ସୂଚନା ଦେଇଛି।

## ସ୍ୱସ୍ତି ଫାଉଣ୍ଡେଶନ ପକ୍ଷରୁ ବଡ଼କାଠର ପୁନରୁଦ୍ଧାର

**କେନ୍ଦୁଝର, ୨୬।୬(ଦୀପକ ମିଶ୍ର)**

କେନ୍ଦୁଝରରେ ରହୁଥିବା ଜୁଆଙ୍ଗ ସମ୍ପ୍ରଦାୟର ଗର୍ବ ଓ ଗୌରବ ତଥା ବିଲୁପ୍ତ ପ୍ରାୟ ଜନଜାତୀୟ ବୀରବାଦ୍ୟ ବଡ଼କାଠର ସ୍ୱସ୍ତି ଫାଉଣ୍ଡେଶନ ପକ୍ଷରୁ ପୁନରୁଦ୍ଧାର କରାଯାଇଛି। ହରିଚନ୍ଦନପୁରର ଗୁଲଗ୍ରାମରେ ଏହି ବାଦ୍ୟର ପୁନଃନିର୍ମାଣ କରାଯାଇଛି। ଏହି ଅବସରରେ ରତନା ଜୁଆଙ୍ଗଙ୍କ ନେତୃତ୍ୱରେ ସଂସ୍କୃତି ସୁରକ୍ଷା ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥିଭାବେ ଜନଜାତି ଗବେଷକ ଡଃ. ନିଳାଦ୍ରୀ ବିହାରୀ ମିଶ୍ର, ମୁଖ୍ୟ ବକ୍ତାଭାବେ ସ୍ୱସ୍ତି ଫାଉଣ୍ଡେସନ୍‌ର ସମ୍ପାଦକ ମାନସ ରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବରେ ସୁଶ୍ରୀ ସଙ୍ଗୀତା ଦେଓ ତଥା ଓଡ଼ିଶା ଗାନ୍ଧୀ ବିଚାର ପରିଷଦ ଅଧ୍ୟକ୍ଷ ଭକ୍ତ ବତ୍ସଳ ମହାନ୍ତି ଯୋଗଦେଇଥିଲେ। ଫାଉଣ୍ଡେଶନ ସହାୟତାରେ ନଷ୍ଟ ହୋଇଯାଇଥିବା ୮ ଫୁଟ୍ ଲମ୍ବର ଏକ ବଡ଼କାଠ ପୁନଃ ନିର୍ମାଣ ସହ ଦୁଇଟି ଢୋଲର ମରାମତି କରାଯାଇଥିଲା। ଏବେ କେନ୍ଦୁଝରରେ ମାତ୍ର ୪ଟି ସ୍ଥାନରେ ବଡ଼କାଠ ରହିଥିବା ଅତିଥିମାନେ କହିଥିଲେ। ନୂଆ ବଡ଼କାଠ ତିଆରି କରିବା ଓ ଏହାର ସଂରକ୍ଷଣ କରିବା ସହଜ ହୋଇ ନ ଥିବା ବେଳେ ଜୁଆଙ୍ଗ ସମାଜରୁ ଅପସରି ଯିବାରେ ଲାଗିଥିଲା। ଫାଉଣ୍ଡେଶନ୍‌ର ଉଦ୍ୟମରୁ ଏହାର ପୁନରୁଦ୍ଧାର ହୋଇପାରିଛି ବୋଲି ସମ୍ପାଦକ ମାନସ ରଞ୍ଜନ ପ୍ରକାଶ କରିଛନ୍ତି।



ବଡ଼କାଠ

**ବଡ଼କାଠ କାହିଁକି ସ୍ୱତନ୍ତ୍ର**

ବଡ଼କାଠ ବଡ଼ଢୋଲ ଆକାରର ୫/୬ ଫୁଟ ଲମ୍ବ ଓ ୨ ଫୁଟ୍ ଉଚ୍ଚ ଲମ୍ବାଳିଆ କାଠ ତଥା ଚମଡ଼ାରେ ତିଆରି ଏକ ପାରମ୍ପରିକ ବାଦ୍ୟ। ଏହାକୁ ଗୋଟିଏ ହିଁ କାଠରେ ତିଆରି କରାଯାଇଥାଏ। ଏଥି ପାଇଁ ଚମ୍ପା, ପିଆଶାଳ, ବଣବଇଁଶି ଆଦି ପୁରୁଣା ଗଛର ଲମ୍ବା ମୋଟା ଗଣ୍ଡି ବ୍ୟବହାର କରାଯାଏ। ଜୁଆଙ୍ଗମାନଙ୍କର ପ୍ରିୟବାଦ୍ୟ ଚାଙ୍ଗୁ ହେଲେ ମଧ୍ୟ ପୂର୍ବେ ବଡ଼କାଠ ବାଦ୍ୟର ବହୁଳ ପ୍ରଚଳନ ଥିଲା। ରାଜା ଯୁଦ୍ଧ ଅଭିଯାନରେ ବାହାରିଲେ ଏହି ବାଜା ବାଜୁଥିଲା। ସେହିପରି ହାତୀ ଘଉଡ଼ାଇବା ପାଇଁ ମଧ୍ୟ ବ୍ୟବହୃତ ହେଉଥିଲା। ମଙ୍ଗଳବାଦ୍ୟ ରୂପେ ବିବାହ ଓ ପର୍ବପର୍ବାଣୀ ପାଳନ ଅବସରରେ ବଜାଯାଇଥାଏ। ବଡ଼କାଠ ବାଜିବା ସମୟରେ ଗୀତ ବୋଲାଯାଏ ନାହିଁ। ଏହାକୁ ଗୋଟିଏ ପାଖରୁ ବଜାଯାଏ। ବଡ଼କାଠକୁ ଅବମାନନା କଲେ ଓ ପୂଜା ନ କଲେ ଗ୍ରାମରେ ରୋଗବ୍ୟାଧି ଲାଗିରହେ ଓ ଫସଲହାନୀ ଘଟେ ବୋଲି ଜୁଆଙ୍ଗମାନେ ବିଶ୍ୱାସ କରିଥାଆନ୍ତି।

## ଭାଜପାର ଜନସମ୍ପର୍କ ଅଭିଯାନ

**ଆନନ୍ଦପୁର, ୨୬।୬(ସନ୍ତୋଷ ରାଉତ)**

କେନ୍ଦ୍ରର ମୋଦି ସରକାରଙ୍କ ନବମ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା କେନ୍ଦୁଝର ଜିଲାରେ ଏକ ମାସ ବ୍ୟାପି ଜନସମ୍ପର୍କ ଅଭିଯାନ ଚାଲୁ ରହିଛି। ରବିବାର ଘଷିପୁରା ବ୍ଲକ୍‌ର ରାମଚନ୍ଦ୍ରପୁର ପଞ୍ଚାୟତର ନୂଆଗାଁଠାରେ ଜନସମ୍ପର୍କ ଅଭିଯାନ କରାଯାଇଛି। ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର ନୂଆଗାଁରେ ଜନସାଧାରଣଙ୍କୁ ମୋଦି ସରକାର ଗରିବମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ମାଗଣା ଚାଉଳ, ଘର ଘର ବିଜୁଳୀ, ପାନୀୟ ଜଳ ପ୍ରକଳ୍ପ, ପାଇଖାନା ବ୍ୟବସ୍ଥା କରୁଛନ୍ତି ବୋଲି କହିଥିଲେ। ମାତ୍ର ଘଷିପୁରା ବ୍ଲକ୍‌ରେ ଯୋଗ୍ୟ ବିବେଚିତ ଲୋକ ଆବାସ ନପାଇ ଧନୀ ଲୋକ



ଭାଜପା କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ।

ଘର ପାଉଛନ୍ତି। ଦୀର୍ଘ ୨୪ ବର୍ଷ ହେଲା ଅଞ୍ଚଳର ବିକାଶ ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ପରିବାରର ବିକାଶ ହୋଇଛି। ଘଷିପୁରା ନିର୍ବାଚନ ମଣ୍ଡଳୀରେ ଭୟ, ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ କରିବାକୁ ଘଷିପୁରାରେ ଭାଜପା ଶାସନ ପ୍ରତିଷ୍ଠା ଅବାଶ୍ୟକ। ଖଣିଜ ସମ୍ପଦ ଭରା ଜିଲା ହୋଇଥିଲେ ସୁଦ୍ଧା ଜିଲାର ଓ ଅଞ୍ଚଳର ଯୁବକମାନେ ପଡ଼ୋଶୀ ଜିଲା ଓ ବାହାର ରାଜ୍ୟକୁ ଯାଇ ଖଟୁଛନ୍ତି ବୋଲି ସେ କହିଥିଲେ। ମୋଦି ସରକାରଙ୍କ ସବୁ ଯୋଜନାକୁ ବିଜେଡ଼ି ସରକାର ନିଜ ଯୋଜନା କହି ଭୁଆଁ ବୁଲାଉଛି ଓ ଆଗାମୀ ଦିନରେ ତାର ଉଚିତ ଜବାବ ମିଳିବ ସେ କହିଥିଲେ।

## ଯୋଡ଼ାରେ ୮ ହାତୀ

**ଯୋଡ଼ା, ୨୬।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ତଥା ଯୋଡ଼ା ବନାଞ୍ଚଳର ବୈତରଣୀ ଖ ସଂରକ୍ଷିତ ଜଙ୍ଗଲରେ ୮ ହାତୀ ବିଚରଣ କରୁଛନ୍ତି। ଓଡ଼ିଶା ଅଣଗେଜେଟେଡ ବନ କର୍ମଚାରୀ ସଂଘ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇଥିବାରୁ ଚମ୍ପୁଆ ରେଞ୍ଜ ଅଧିକାରୀ, ହାତୀ ସ୍କ୍ୱାର୍ଡ ସହିତ ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି। ହାତୀ ରେଳପଥ ଅତିକ୍ରମ କରୁଥିବାରୁ ବାଂଶପାଣି, ଜୁରୁଡ଼ି, ଦେଓଝର, ରେଳ ଷ୍ଟେସନ ସହିତ ସମନ୍ୱୟ ରକ୍ଷା କରାଯାଇ ରେଳ ଗାଡ଼ିକୁ ମନ୍ଥର ଗତିରେ ଚଳାଇବା ପାଇଁ କୁହାଯାଇଛି। ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ କରେଣ୍ଟକୁ ବିଚ୍ଛିନ୍ନ କରିବା ପାଇଁ ବିଭାଗକୁ କୁହାଯାଇଛି।

## ରାଜ୍ୟସ୍ତରୀୟ ଖେଳକୁଦରେ ମୟୂରଭଞ୍ଜର ସଫଳତା

**ବାରିପଦା, ୨୬।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ ସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜକୁ ସଫଳତା ମିଳିଛି। ୩୧ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ୯ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ଟି ବ୍ରୋଞ୍ଜ ସହ ମୋଟ ୧୯ଟି ପଦକ ହାସଲ କରିଛନ୍ତି। ୫ ହଜାର ଓ ୧୦ ହଜାର ମିଟର ଦୌଡରେ ତାରକ ମାରାଣ୍ଡି, ୮୦୦ ମିଟରରେ ବାଲହି ମୁର୍ମୁ, ୧୫୦୦ ମିଟରରେ ପ୍ରଦୀପ ମହାନ୍ତ, ୪୦୦ମିଟରରେ ରାଜେଶ୍ୱରୀ ସିଂ, ୧୦ ହଜାର ମିଟରରେ ସନ୍ଧ୍ୟା ମୁର୍ମୁ, ଡିସକସ ଥ୍ରୋରେ ନେତ୍ରମଣୀ ସିଂ, ସଟପୁଟ ଥ୍ରୋରେ ଦୀପା ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜାଭେଲିନ ଥ୍ରୋରେ ସୁନାରାମ ମୁର୍ମୁ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ନୂଆ ରେକର୍ଡ ସ୍ଥାପନ କରି ଜିଲା ପାଇଁ ଗୌରବ ଆଣିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

**ଜାଭେଲିନ୍ ଥ୍ରୋରେ ସୁନାରାମଙ୍କ ନୂଆ ରେକର୍ଡ**

୫ହଜାର ମିଟର ଦୌଡରେ ଇତିଶ୍ରୀ ମହାନ୍ତ ଓ ସନ୍ଧ୍ୟା ମୁର୍ମୁ, ୮୦୦ ମିଟରରେ ପ୍ରଦୀପ ମହାନ୍ତ, ଡିସକସ ଥ୍ରୋରେ ପ୍ରିୟଙ୍କା ସିଂ ଓ ଦୀପା ସିଂ, ଡେକାଥେଲନରେ ରାଲିଆ ମୁର୍ମୁ ରୌପ୍ୟ ପଦକ ତଥା ୮୦୦ ଓ ୧୫୦୦ମିଟରରେ ନାମସି ସମାଦ, ୨୦୦୦ ମିଟରରେ ବାଲହି ମୁର୍ମୁ, ସଟପୁଟ ଥ୍ରୋରେ ନେତ୍ରମଣୀ ସିଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋମବାର ଜିଲାପାଳ ବିନୀତ ଭରଦ୍ୱାଜ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଆଥଲେଟିକ ସହ ସମ୍ପାଦକ ଅମ୍ବିକା ରାଉତ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅମର କୁମାର ସେଠି, ରବୀନ୍ଦ୍ର ମହାନ୍ତି, ହରପ୍ରସାଦ ପାତ୍ର ତଥା ଦଳର ମ୍ୟାନେଜର କିଶୋର ଚନ୍ଦ୍ର ଦାଶ, ସୌରଭ କୁମାର ଦେ, ଭାନୁମତୀ ମହାନ୍ତ ଓ କୋଚ ଦିଗେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।



କୃତୀ ଖେଳାଳିଙ୍କ ସହ ଜିଲାପାଳ ବିନୀତ ଭରଦ୍ୱାଜ ଓ ଅନ୍ୟମାନେ।

## ଟିପିଏନ୍‌ଓଡିଏଲ୍‌କୁ ଇଟି ଏନର୍ଜି ଲିଡର୍‌ଶିପ୍ ଆୱାର୍ଡ

**ବାଲେଶ୍ୱର, ୨୬।୬ (ମାନସ ବିଶ୍ୱାଳ)**

ଶକ୍ତିକ୍ଷେତ୍ର ବର୍ଗରେ 'ଡିଜିଟାଇଜେଶନରେ ଉତ୍କର୍ଷତା' ପାଇଁ ଓଡ଼ିଶାର ଉତ୍ତରଭାଗରେ ୨୦ଲକ୍ଷ ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଥିବା ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)କୁ ଇଟି ଏନର୍ଜି ଲିଡ଼ରଶିପ୍ ଆୱାର୍ଡ଼ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ କମ୍ପାନୀ ତରଫରୁ ଟିପିଏନ୍‌ଓଡିଏଲ୍‌ର ଆଇଟି, ଓଟି ମୁଖ୍ୟ ତରୁଣ ବାତ୍ରା ଓ ଆର୍‌ସିଏମ୍ ମୁଖ୍ୟ ରମେଶ କୌଲ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉପଭୋକ୍ତାଙ୍କ ପାଇଁ ଡିଜିଟାଲ ଆପ୍ଲିକେଶନ କାର୍ଯ୍ୟକାରୀ କରିବା ଓ ବିଦ୍ୟୁତ୍ କ୍ଷେତ୍ରରେ ବ୍ୟବସାୟିକ ପ୍ରକ୍ରିୟାର ଡିଜିଟାଇଜେଶନ ପାଇଁ ବିଭିନ୍ନ ପ୍ରଯୁକ୍ତି ଗ୍ରହଣ କରିବା ପାଇଁ କମ୍ପାନୀର କାର୍ଯ୍ୟକ୍ରମଗୁଡ଼ିକୁ ଏହି ସମ୍ମାନଜନକ ମଞ୍ଚରେ ମାନ୍ୟତା ପ୍ରଦାନ କରାଯାଇଥିଲା।





ଇଟି ଏନର୍ଜି ଲିଡରଶିପ୍ ଆୱାର୍ଡ ଗ୍ରହଣ କରୁଛନ୍ତି ଟିପିଏନ୍‌ଓଡିଏଲର ଅଧିକାରୀ।

ଗ୍ରାହକଙ୍କ ସୁବିଧା ପାଇଁ ଗତ ଦୁଇବର୍ଷରେ କମ୍ପାନୀ ପକ୍ଷରୁ ବିଭିନ୍ନ ଡିଜିଟାଲ୍ ଟଚ୍ ପଏଣ୍ଟ ଶୁଭାରମ୍ଭ କରାଯାଇଥିବା ବେଳେ ଡିଜିଟାଲ୍ ପେମେଣ୍ଟ ବିକଳ୍ପ, ଓସିଆର୍‌ଭିତ୍ତିକ ମିଟର ରିଡ଼ିଂ ଆଦିରେ ଉନ୍ନତି ଅଣାଯାଇଛି। ଶ୍ରେଷ୍ଠମାନର ସେବା ପ୍ରଦାନ କରିବା ଏବଂ ଉପଭୋକ୍ତାମାନଙ୍କ ସାମଗ୍ରିକ ଅନୁଭୂତିରେ ରୂପାନ୍ତର ଲାଗି କମ୍ପାନୀର ରହିଥିବା ପ୍ରତିବଦ୍ଧତାର ଏହା ହେଉଛି ପ୍ରତିଫଳନ। ଏହି ପୁରସ୍କାରରେ ଶକ୍ତିକ୍ଷେତ୍ରକୁ ଆଗକୁ ବଢ଼ାଉଥିବା ଓ ଶିଳ୍ପକୁ ସ୍ୱରୂପ ପ୍ରଦାନ କରୁଥିବା ବିଭିନ୍ନ ବର୍ଗର ଶକ୍ତି କମ୍ପାନୀ ଯଥା ଅକ୍ଷୟ ଶକ୍ତି, ତୈଳ ଓ ଗ୍ୟାସ୍, ବିଦ୍ୟୁତ୍, କୋଇଲା, ଷ୍ଟାର୍ଟଅପ୍, ଓଇଏମ୍ ଓ ପ୍ରଯୁକ୍ତି ପ୍ରଦାନକାରୀ ଆଦି ଏହି ପୁରସ୍କାର ବିତରଣ ସମାରୋହରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଅଳ୍ପ ସମୟ ଭିତରେ କମ୍ପାନୀ ବହୁ ପୁରସ୍କାର ହାସଲ କରିପାରିଛି। ଇକୋନମିକ୍ ଟାଇମ୍‌ସ ଏନର୍ଜି ଲିଡ଼ରଶିପ୍ ଆୱାର୍ଡ଼ ହେଉଛି ଏକ ସମ୍ମାନଜନକ ବାର୍ଷିକ ପୁରସ୍କାର ଯାହା ସମଗ୍ର ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପ୍ରଦାନକାରୀଙ୍କୁ ମାନ୍ୟତା ପ୍ରଦାନ କରୁଛି। ଶକ୍ତି ଶିଳ୍ପର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳା ପ୍ରତି ଉଲ୍ଲେଖନୀୟ ଅବଦାନ ପ୍ରଦାନ କରୁଥିବା ନେତୃତ୍ୱ ଓ ସଂସ୍ଥାଙ୍କୁ ଏଥିରେ ମାନ୍ୟତା ଓ ସମ୍ମାନ ପ୍ରଦାନ କରାଯାଉଛି।

## ଯୁବବାହିନୀର ଶୋଭାଯାତ୍ରା

ଖଇରା, ୨୬।୬(ଉତ୍କଳବନ୍ଧୁ ପଣ୍ଡା)

ମଦମୁକ୍ତ ସୁନାର ଓଡିଶା ଗଠନ ଲକ୍ଷ୍ୟରେ ମଦମୁକ୍ତି ଯୁବବାହିନୀ ପକ୍ଷରୁ ବାଲେଶ୍ୱର ଜିଲା ଖଇରାଠାରେ ରବିବାର ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ନମିତା ବାରିକ, ବୃନ୍ଦାବନ ମଲ୍ଲିକ ଓ ପ୍ରଶାନ୍ତ ଜେନାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ହୋଇଥିଲା। ପରେ ଅନୁଷ୍ଠିତ ସଭାରେ ବକ୍ତାମାନେ ମଦ ବିରୋଧରେ ଲଢେଇ ଲାଗି ଆହ୍ୱାନ ଦେଇଥିଲେ। ରାଜସ୍ୱ ଆଦାୟ ନାମରେ ଗାଁ ଗହଳିରେ ମାଳ ମାଳ ମଦ ଦୋକାନ ଖୋଲାଯିବା, ସଂସ୍କୃତି ନଷ୍ଟ ହେଉଥିବାରୁ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଲଢେଇକୁ ଗାଁରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ।

# ଅପରାହ୍ଣ ୪ରୁ ରାତି ୧୦ ସୁନାବେଶ ଦର୍ଶନ

ପ୍ରଶାସନ ପକ୍ଷରୁ ସୁନାବେଶ ପ୍ରସ୍ତୁତି

କେନ୍ଦୁଝର, ୨୬।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ଅବସରରେ ଜୀଉଙ୍କ ସୁନାବେଶ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ସୁନାବେଶକୁ ଅପରାହ୍ଣ ୪ଟାରୁ ୧୦ଟା ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିବେ। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ଜିଲାପାଳ ଆଶିଷ କୁମାର ଠାକରେ ଅଧିକାରୀମାନଙ୍କୁ କହିଥିଲେ। ସୁପରିଚାଳନାକୁ ଗୁରୁତ୍ୱାରୋପ କରିଥିଲେ। ଆରକ୍ଷୀ ଅଧିକ୍ଷକ ନିତିନ କୁଶଲ କର ଉଦ୍‌ବୋଧନ ଦେଇ ସୁନାବେଶରେ ପୋଲିସ ସୁରକ୍ଷା ବ୍ୟବସ୍ଥା କିପରି କଡ଼ାକଡ଼ି କରାଯିବ, ଆଇନଶୃଙ୍ଖଳା, ବାରିକେଡ୍, ଆଲୋକ ସୁବିଧା, ଟ୍ରାଫିକ ନିୟନ୍ତ୍ରଣ ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ସୁରକ୍ଷା ବଳୟ ମଧ୍ୟରେ ଟ୍ରେଜେରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଷ୍ଟ୍ରଙ୍ଗରୁମ୍‌ରୁ ଶ୍ରୀ ଜୀଉଙ୍କର ଆଭୂଷଣ ଅଣାଯାଇ ଲାଗି କରାଯିବ। ଅପରାହ୍ଣ ୪ ଘଟିକାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଦର୍ଶନାର୍ଥୀ ପ୍ରଭୁଙ୍କର ସୁନାବେଶ ଦର୍ଶନ ଲାଭ କରିପାରିବେ। ସୁନାବେଶ ସମୟରେ କୌଣସି ଦର୍ଶନାର୍ଥୀ ରଥ ଉପରକୁ ଯାଇ ପାରିବେ ନାହିଁ ବୋଲି ସୂଚନା ଦିଆଯାଇଛି। କେବଳ ସୁନାବଶ ପାଇଁ ନିୟୋଜିତ ସେବାୟତ, ମାଜିଷ୍ଟ୍ରେଟ୍ ରଥ ଉପରେ ରହିବା ନେଇ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରାଯିବ। ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମ ପ୍ରତିନିଧି ଅପରାହ୍ଣ ସାଢ଼େ ୩ ରୁ ୪ଟା ପର୍ଯ୍ୟନ୍ତ ସଂକ୍ଷିପ୍ତ ସମୟ ଅବଧିରେ ମହାପ୍ରଭୁଙ୍କର ସୁନାବେଶର ଫୋଟଚିତ୍ର ଉତ୍ତୋଳନ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। କେନ୍ଦୁଝର ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋଦତ୍ତର ରାମଚନ୍ଦ୍ର କିସ୍କୁ ବୈଠକରେ ଶୁନାବେଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅବଗତ କରାଇଥିଲେ। ବିଭିନ୍ନ ବିଭାଗର ପ୍ରଶାସନ ଅଧିକାରୀ ବ୍ୟାଙ୍କ, ବିଦ୍ୟୁତ୍, ଅଗ୍ନିଶମ, ପୂର୍ତ୍ତବିଭାଗ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ବୈଠକରେ ଯୋଗଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com


@ କୁନ୍‌ମୁନ୍


@ ରାଜୁ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।


ବାରିପଦାସ୍ଥିତ ହରିବଳଦେବଜୀଉଙ୍କ ବାମନ-ପର୍ଶୁରାମ ବେଶ।

## ନୃସିଂହ ବାମନ ବେଶରେ ଦର୍ଶନ ଦେଲେ ଶ୍ରୀ ବଳଦେବଜୀଉ


ବଳଦେବଜୀଉଙ୍କ ନୃସିଂହ ବାମନ ବେଶ।

କେନ୍ଦୁଝର, ୨୬।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉ ସୋମବାର ନୃସିଂହ ବାମନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଲଘୁଚାପ ଜନିତ ବର୍ଷା ସତ୍ତ୍ୱେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ବର୍ଷା ଯୋଗୁ ବଡ଼ଦାଣ୍ଡରେ ଚାଲି ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା, ପଲ୍ଲୀଶ୍ରୀ ମେଳା ଆଦିରେ ଦର୍ଶକଙ୍କ ଆଗମନ ମାନ୍ଦା ଦେଖାଦେଇଥିଲା। ସକାଳୁ ଝିପି ଝିପି ବର୍ଷା ଲାଗି ରହିଥିବାରୁ ରାସ୍ତା ଘାଟରେ ଯାତାୟାତ କମ ଦେଖିବାକୁ ମିଳିଛି।

## ରାମ ପର୍ଶୁରାମ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ


ରାମ ପର୍ଶୁରାମ ଅବତାରରେ ଶ୍ରୀଜୀଉ।

ନୀଳଗିରି, ୨୬।୬(ପ୍ରଶାନ୍ତ ବିଶ୍ୱାଳ)

ଭାବର ଠାକୁର ଶ୍ରୀଜଗନ୍ନାଥ। ପବିତ୍ର ଘୋଷଯାତ୍ରା ଅବସରରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଶ୍ରୀଜୀଉ ଦୈନନ୍ଦିନ ନୂଆ ନୂଆ ଅବତାରରେ ଦର୍ଶନ ଦେଉଛନ୍ତି। ମନ୍ଦିର ସେବାୟତମାନେ ମହାପ୍ରଭୁଙ୍କୁ ପ୍ରତିଦିନ ନୂଆ ନୂଆ ବେଶ କରୁଥିବା ବେଳେ ସୋମବାର ସନ୍ଧ୍ୟାରେ ଜନ୍ମବେଦୀରେ ଶ୍ରୀବିଗ୍ରହମାନଙ୍କର ରାମ ପର୍ଶୁରାମ ବେଶ ହୋଇଥିବା ଦେଖିବାକୁ ମିଳିଛି। ବଡ଼ଠାକୁର ବଳଭଦ୍ରଙ୍କୁ ପର୍ଶୁରାମ ବେଶରେ ଦେଖିବାକୁ ମିଳିଥିବା ବେଳେ ଜଗନ୍ନାଥ ମହାପ୍ରଭୁଙ୍କୁ ରାମ ଅବତାର ବେଶରେ ଦର୍ଶନ ଦେଇଥିଲେ। ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଠାକୁରଙ୍କ ନୀତି ସମାପନ ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ କରିବାର ସୁଯୋଗ ମିଳିଥିଲା। ଆସନ୍ତା ମଙ୍ଗଳବାର ମହାପ୍ରଭୁ କଲ୍‌କୀ ଅବତାରରେ ଦର୍ଶନ ଦେବେ।


ବଡ଼ବିଲ ଅଞ୍ଚଳର ଏକ ସ୍କୁଲ ଛୁଟି ପରେ ପହିଲି ମୌସୁମୀ ବର୍ଷାରେ ଛାତ୍ରୀମାନେ ଭିଜୁଛନ୍ତି।
(ଫଟୋ-ଦେବପ୍ରିୟ ରଣା)

## ଶ୍ରୀଜୀଉଙ୍କୁ ଦର୍ଶନ କଲେ ପ୍ରଶାସନିକ ଅଧିକାରୀ

ଉଦଳା, ୨୬।୬
(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମସ୍ଥିତ ଆଡ଼ପ ମଣ୍ଡପରେ ଶ୍ରୀ ଜୀଉ ବିଭିନ୍ନ ବେଶରେ ଦର୍ଶନ ଦେଉଛନ୍ତି। ପ୍ରାୟ ୭୦ ବର୍ଷରୁ ଅଧିକ ହେବ ଏହି ଗ୍ରାମରେ ରଥଯାତ୍ରା ପାଳିତ ହୋଇ ଆସୁଥିବା ଗ୍ରାମର ମୁଖିଆ କୈଳାସ ଚନ୍ଦ୍ର ହାତୀ ସୂଚନା ଦେଇଛନ୍ତି। ସୋମବାର କପ୍ତିପଦା ଉପଖଣ୍ଡର ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ, ଉଦଳା ବିଡିଓ ଦେବଯାନୀ ଭୂୟାଁ, ଖୁଣ୍ଟା ବିଡିଓ ମାନସ ସାମଲ, କପ୍ତିପଦା ତହସିଲଦାର ସମରଜିତ୍ କର, ଗୋପବନ୍ଧୁନଗର ତହସିଲଦାର ବିଶ୍ୱରଞ୍ଜନ ମହାନ୍ତି, ଉଦଳା ଅତିରିକ୍ତ ତହସିଲଦାର ପ୍ରିୟବ୍ରତ ଜେନା ଆଡ଼ପ ମଣ୍ଡପରେ ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ। ଆଡପ ମଣ୍ଡପରେ ଶ୍ରୀ ଜୀଉଙ୍କ ପଦ୍ମବେଶ ଦର୍ଶନ କରି ସମସ୍ତ ଅଧିକାରୀ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅଧିକାରୀମାନଙ୍କ ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। ଆଡପ ମଣ୍ଡପ ପରିଚାଳନା ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ପୃଷ୍ଟି, ସର୍ବେଶ୍ୱର ହାତୀ, ମଧୁସୂଦନ ହାତୀ, ବାପି ବେହେରା, ବାବୁଲା ସାହୁ ପ୍ରମୁଖ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲେ।


ଆଡ଼ପ ମଣ୍ଡପରେ ପୂଜା ପାଉଥିବା ଶ୍ରୀଜୀଉ।

# ‘ଧାନ ବିକି ଟଙ୍କା ପାଇନୁ’

■ ଜନଶୁଣାଣି ଶିବିରରେ ଅଭିଯୋଗ କଲେ ଚାଷୀ
■ ଜୁଲାଇ ୫ ସୁଦ୍ଧା ଟଙ୍କା ଦେବାକୁ ସମିତି ସମ୍ପାଦକଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ

ଭଦ୍ରକ, ୨୬।୬ (ସନାତନ ରାଉତ)

ସମବାୟ ସମିତିରେ ଧାନ ବିକି ଏପର୍ଯ୍ୟନ୍ତ ଟଙ୍କା ପାଇନାହୁଁ। ମାଧପୁର ସେବା ସମବାୟ ସମିତି ଅଧୀନ ଚାଷୀମାନେ ସୋମବାର ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଭିଯୋଗର ଶୁଣାଣି କରି ଏଆର୍‌ସିଏସ୍ ଓ ଜିଲା ଯୋଗାଣ ଅଧିକାରୀଙ୍କ ଜରିଆରେ ସମିତିର ସମ୍ପାଦକ ସରୋଜ ସଲିଳ ପଲେଇଙ୍କୁ ଆସନ୍ତା ଜୁଲାଇ ୫ ସୁଦ୍ଧା ଟଙ୍କା ପାଇ ନ ଥିବା ଚାଷୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନେ ସେମାନଙ୍କ ପ୍ରାପ୍ୟ ସହ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ସମିତି ସମ୍ପାଦକ ଚାଷୀମାନଙ୍କଠାରୁ ଧାନ କିଣି ମିଲ୍‌କୁ ଟେକଓଭର କରି ନ ଥିବାରୁ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ। ଏହି ଅନିୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରକାଶଥାଉ କି, ଉକ୍ତ ସମିତିରେ ଧାନ ବିକ୍ରି କରି ୧୪ଜଣ ଚାଷୀ ଟଙ୍କା ପାଇ ନ ଥିବା ନେଇ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗରେ ଅଭିଯୋଗ କରିଥିଲେ। ଏନେଇ ବଡ଼ସିଂହପୁର ଚାଷୀ ବସନ୍ତ ପ୍ରଧାନ ମତୋ ଫାଣ୍ଡିରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ସେମାନଙ୍କ ପ୍ରାପ୍ୟ ଦେବାକୁ ସମିତି ସମ୍ପାଦକ ଫାଣ୍ଡିରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାସତ୍ତ୍ୱେ ଚାଷୀମାନଙ୍କୁ ଟଙ୍କା ମିଳି ନ ଥିବା ନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବରକୁ ଚାଷୀମାନେ ଜିଲାପାଳ, ୫-ଟି ସଚିବ, ଯୋଗାଣ ବିଭାଗ ସମେତ ବିଭିନ୍ନ ଅଧିକାରୀଙ୍କୁ ଟୁଇଟ୍ କରିଥିଲେ। ଟୁଇଟ୍ ପରେ ଜିଲାପାଳ ତାଗିଦ୍ କରିବା ସହ ଚାଷୀମାନଙ୍କୁ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ୬୧ଟି ଅଭିଯୋଗ ହୋଇଥିଲା। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲାପାଳ ମନୋଜ ପାତ୍ର, ବିଡିଓ ଜ୍ୟୋତିବିକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।


ଜନଶୁଣାଣି ଶିବିରରେ ଚାଷୀମାନେ।

# ଆହାରକେନ୍ଦ୍ରରେ ଟିକେଟ କାଟି ଖାଇଲେ ବିଧାୟକ


ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଧାମନଗର ମେଡିକାଲ ବଜାରଠାରେ ଥିବା ଆହାରକେନ୍ଦ୍ରରେ ଖାଉଛନ୍ତି।

ଧାମନଗର, ୨୬।୬ (ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲା ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସୋମବାର ଧାମନଗର ମେଡିକାଲ ବଜାରଠାରେ ଥିବା ଆହାରକେନ୍ଦ୍ର ପରିଦର୍ଶନ କରିଛନ୍ତି। ଆହାରକେନ୍ଦ୍ର ବୁଲି ଦେଖିବା ସହ ବିଧାୟକ ନିର୍ଦ୍ଧାରିତ ୫ ଟଙ୍କା ଟିକେଟ କାଟି ଭାତ ଡାଲମା ଖାଇଥିଲେ। ତାଙ୍କ ସହ ଭାଜପା କର୍ମୀମାନେ ମଧ୍ୟ ଟିକେଟ କାଟି ସେଠାରେ ଖାଇଥିଲେ। ବିଧାୟକ ଆହାର କେନ୍ଦ୍ରରେ ଖାଉଥିବା ଅନ୍ୟ ଲୋକଙ୍କଠାରୁ ଖାଦ୍ୟର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ଆଜି ଭଳି ଖାଦ୍ୟ ସବୁଦିନେ ମିଳନ୍ତା କି ବୋଲି ଖାଉଥିବା ଅନ୍ୟ ଲୋକେ ଚୁପୁରୁ ଚାପୁର ହେଉଥିବା ଶୁଣିବାକୁ ମିଳିଥିଲା। ବିଧାୟକଙ୍କ ସହ ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋଜ ମଲ୍ଲିକ, କାଉନସିଲର ଉତ୍ତମ ମହାନ୍ତି, ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, କୈଳାସ ମହାପାତ୍ର, ସରୋଜ ମହାପାତ୍ର, ନାରାୟଣ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କ ସବ୍‌ସିଡ଼ି ହାତେଇବା ମାମଲା | ପ୍ରତିବାଦରେ ଭାଜପା ପକ୍ଷରୁ ରେମୁଣା ବଜାର ବନ୍ଦ

ବାଲେଶ୍ୱର (ମାନସ ବିଶ୍ୱାଳ)/ରେମୁଣା (ରବୀନ୍ଦ୍ର ମହାକୁଡ଼), ୨୬।୬

ବାଲେଶ୍ୱର ଜିଲା ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା କୃଷି ଯନ୍ତ୍ରାଂଶ ସବ୍‌ସିଡ଼ି ହାତେଇବା ନେଇ ତନ୍ମୟ ମହାନ୍ତି ନାମକ ବ୍ୟକ୍ତି ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ରେମୁଣା ନିର୍ବାଚନମଣ୍ଡଳୀରେ ରାଜନୀତି ସରଗରମ ହୋଇଥିଲା। ବିଧାୟକଙ୍କ ଗିରଫ ଦାବି କରି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ରେମୁଣା ଭାଜପା ପକ୍ଷରୁ ସୋମବାର ରେମୁଣା ବଜାର ବନ୍ଦ କରାଯାଇଥିଲା। ଅନ୍ୟପକ୍ଷରେ ସୋମବାର ଅପରାହ୍ନରେ ଷ୍ଟେଶନ କ୍ଲବ ପରିସରରେ ରେମୁଣା ନିର୍ବାଚନମଣ୍ଡଳୀର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଧାୟକ କୌଣସି ଚାଷୀଙ୍କ ସବ୍‌ସିଡ଼ି ହାତେଇ ନ ଥିବା ନିର୍ବାଚିତ ବ୍ଲକ ଅଧ୍ୟକ୍ଷ, ଏନ୍‌ଏସି ଅଧ୍ୟକ୍ଷା, ଜିଲା ପରିଷଦ ସଦସ୍ୟାସଦସ୍ୟ ପ୍ରମୁଖ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଖବରଦାତା ସମ୍ମିଳନୀରେ କୁହାଯାଇଛି ଯେ, ଗତ ୨୦୧୬ରେ ଚାଷୀମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀରେ ଚାଷ କରିବାକୁ ‘ଫାମ ମେକାନାଇଜେଶନ୍ ଡିବିଟି ସ୍କିମ୍’ରେ ବିଭିନ୍ନ ଚାଷ ଉପକରଣ ସରକାର ସବ୍‌ସିଡ଼ିରେ ପ୍ରଦାନ କରିଥିଲେ। ଏଥିପାଇଁ ଚାଷୀମାନେ ଫାର୍ମର ଆଇଡ଼ି ଖୋଲି ଅନଲାଇନ୍‌ରେ ଆବେଦନ କରିଥିଲେ ଏବଂ ତାଙ୍କର ସମସ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ବିଭାଗୀୟ ଅନୁମୋଦନ ପରେ ଚାଷୀମାନଙ୍କୁ ଉକ୍ତ ସ୍କିମ୍‌ରେ ଚାଷ ଉପକରଣ ମିଳିଥିଲା। ଏହାକୁ ଯୋଗାଇଦେବା ପାଇଁ ମଧ୍ୟ ବିଭିନ୍ନ କମ୍ପାନୀ ଆବେଦନ କରିଥିଲେ। ରାଜ୍ୟ ସରକାରଙ୍କର ଡାଇରେକ୍ଟର ଆଣ୍ଡ ଏଗ୍ରିକଲଚର ବିଭାଗ ଦ୍ୱାରା ବିଭିନ୍ନ ଜିଲା ପାଇଁ ଡିଲର/ଭେଣ୍ଡରଙ୍କୁ ସ୍ଥିରୀକୃତ କରାଯାଇଥିଲା। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଏଂ କେନ୍ଦୁଝର ଜିଲାରେ କୁବୋଟା କମ୍ପାନୀ ସମେତ ୱାର୍ଲଡ୍‌ଷ୍ଟାର, କ୍ଲାସ, ୟାନମାର୍, ଏସିଇ, କର୍ତ୍ତାର, ଫିଲ୍ଡ କିଙ୍ଗ, ପ୍ରିତ୍ କମ୍ପାନୀ ଅନୁବନ୍ଧିତ ହୋଇଥିଲେ। କୁବୋଟା କମ୍ପାନୀ ଇଣ୍ଡିଆନ ଟ୍ରେଡ଼ିଂ କୋ, ନିଗମାନନ୍ଦ ଏସୋସିଏଟ୍ ଏବଂ ସାମ୍‌ସନ୍ ଏଗ୍ରି ପାୱାର ଇକ୍ୟୁପ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥାକୁ ଡିଲର ଭାବେ ଅନୁମତି ଦେଇଥିଲା। ଚାଷୀମାନେ କୃଷି ବିଭାଗଠାରୁ ସ୍ୱୀକୃତି ପାଇବା ପରେ ଅନଲାଇନ୍‌ରେ ନିଜ ଇଚ୍ଛା ମୁତାବକ କମ୍ପାନୀ ଓ ଡିଲରଠାରୁ ଚାଷ ଉପକରଣ ଗ୍ରହଣ କରିଛନ୍ତି। ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ମୋଡ଼ରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସରକାର ସବ୍‌ସିଡି ପ୍ରଦାନ କରିଥିଲେ। ଚାଷୀମାନେ ନିଜର ତଥା ନିଜ ସମ୍ପର୍କୀୟ ଆକାଉଣ୍ଟକୁ ସବ୍‌ସିଡି ନେଇଥିବା ବେଳେ କିପରି ଭାବରେ ଗୋଟିଏ ଡିଲର ଚାଷୀମାନଙ୍କ ଟଙ୍କା ହଡ଼ପ କରିପାରିବେ ବୋଲି ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା ପ୍ରଶ୍ନ କରିଥିଲେ।

ବାଲେଶ୍ୱରରେ କୁବୋଟା କମ୍ପାନୀ ୩ଟି ଡିଲର ମାଧ୍ୟମରେ ଚାଷ ଉପକରଣ ଚାଷୀଙ୍କୁ ପ୍ରଦାନ କରିଥିଲେ। ଅନ୍ୟ କୌଣସି କମ୍ପାନୀ କିମ୍ବା ଡିଲରଙ୍କ ଉପରେ ସବସିଡ଼ି ହଡ଼ପ କରିଥିବା ଅଭିଯୋଗ ନ ଥିବା ବେଳେ ଜଣେ ବିଜେଡିରୁ ବହିଷ୍କୃତ କର୍ମୀ ତନ୍ମୟ ମହାନ୍ତି କେଉଁ କାରଣରୁ ନିଗମାନନ୍ଦ ଆସୋସିଏଟ୍ ଉପରେ ଅଭିଯୋଗ ଆଣିଛନ୍ତି। କାରଣ ନିଗମାନନ୍ଦ ଆସୋସିଏଟ୍‌ର ଜଣେ ଅଂଶୀଦାର ହେଲେ ରେମୁଣା ବିଧାୟକ। ତେଣୁ ଏହା ରାଜନୈତିକ ଚକ୍ରବ୍ୟୁହ ବୋଲି ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରକାଶ କରିଥିଲେ। ରେମୁଣା ବିଧାୟକଙ୍କୁ ସହ୍ୟ କରି ନ ପାରି ବିରୋଧୀ ଦଳ ଏବଂ କିଛି ଦଳୀୟ ନେତା ଏଭଳି ଚକ୍ରାନ୍ତ କରୁଥିବା ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଯଦି ବିଧାୟକଙ୍କୁ କୌଣସି ସୋସିଆଲ ମିଡ଼ିଆରେ କିମ୍ବା ସାଧାରଣରେ ଅପମାନ କିମ୍ବା ବଦନାମ ପାଇଁ ପ୍ରୟାସ କରାଯାଏ ତା’ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ପ୍ରତିନିଧି ମନୋରଞ୍ଜନ ରାଉତ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ରେମୁଣା ଏନ୍‌ଏସି ଉପାଧ୍ୟକ୍ଷ ଅୟେସାନ ଖାନ, ସଦର ବ୍ଲକ ଉପାଧ୍ୟକ୍ଷ ଚୈତନ୍ୟ ସିଂହ, ରେମୁଣା ବ୍ଲକ ଉପାଧ୍ୟକ୍ଷା ସୁମତି ବେହେରା, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ତଥା ସରପଞ୍ଚ ତାପସ ପାଣିଗ୍ରାହୀ, ଜିଲାପରିଷଦ ସଦସ୍ୟ ଅଭିମନ୍ୟୁ ଧିନ୍ଦା, ଜିଲାପରିଷଦ ସଦସ୍ୟା କଲ୍ୟାଣି ବାରିକ, ବନ୍ଦିତା ନାୟକ ଓ କବିତା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ପୃକ୍ତ ନାହାନ୍ତି ବିଧାୟକ : ବିଜେଡି


ଭାଜପା ପକ୍ଷରୁ ରେମୁଣା ବଜାର ବନ୍ଦ କରାଯାଇଛି।


ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା।

